# REGIONAL NEWS UNIT, AIR CUTTACK

## Evening Bulletin (6.45 PM)

### 09th July - 2025

************************************

## ମୁଖ୍ୟ ସମ୍ବାଦ

- ସ୍ୱରାଷ୍ଟ୍ର ମନ୍ତ୍ରୀଙ୍କ ଅଧ୍ୟକ୍ଷତାରେ ଆସନ୍ତାକାଲି ଅନୁଷ୍ଠିତ ହେବ ପୂର୍ବାଞ୍ଚଳ ପରିଷଦ ବୈଠକ; ଯୋଗଦେବେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ।

- ଓଡ଼ିଶା ଖଣି ନିଗମର ବିଭିନ୍ନ କାର୍ଯ୍ୟକ୍ରମ ସମୀକ୍ଷା କଲେ ମୁଖ୍ୟମନ୍ତ୍ରୀ; ଚଳିତ ଆର୍ଥିକ ବର୍ଷରେ ୫୦ ମିଲିୟନ୍ ଟନ୍ ଖଣିଜ ଉତ୍ପାଦନ ଲକ୍ଷ୍ୟ ।

- ଶିକ୍ଷା ବ୍ୟବସ୍ଥାକୁ ଅଧିକ ଗୁଣାତ୍ମକ କରିବାକୁ ପଞ୍ଚମ ଓ ଅଷ୍ଟମ ଶ୍ରେଣୀରେ ଲାଗୁ ହେବ ପାସ୍-ଫେଲ୍ ବ୍ୟବସ୍ଥା ।

- ପୁରୀଜିଲ୍ଲା କଣାସରେ ଝାଡ଼ାବାନ୍ତି ବ୍ୟାପିଥିବା ଅଭିଯୋଗ; ସ୍ଥିତିର ଅନୁଧ୍ୟାନପାଇଁ ପ୍ରଭାବିତ ଅଞ୍ଚଳରେ ସ୍ୱାସ୍ଥ୍ୟବିଭାଗ ଦଳ ।

ଏବଂ

- ପୁରୀ ଶ୍ରୀମନ୍ଦିରରେ ଆଜି ରତ୍ନବେଦୀରେ ଶ୍ରଦ୍ଧାଳୁଙ୍କୁ ଦର୍ଶନ ଦେଉଛନ୍ତି ମହାପ୍ରଭୁ ।

*Desk*

## ମୁଖ୍ୟମନ୍ତ୍ରୀ – ଝାଡ଼ଖଣ୍ଡ ଗସ୍ତ

ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ରାଞ୍ଚିଠାରେ ଆୟୋଜିତ ହେବାକୁ ଥିବା ପୂର୍ବାଞ୍ଚଳ ପରିଷଦ ବୈଠକରେ ଯୋଗଦେବା ପାଇଁ ଆଜି ଝାଡଖଣ୍ଡ ଗସ୍ତ କରିଛନ୍ତି। ସ୍ୱରାଷ୍ଟ୍ରମନ୍ତ୍ରୀ ଅମିତ୍ ଶାହଙ୍କ ଅଧ୍ୟକ୍ଷତାରେ ଆସନ୍ତାକାଲି ପୂର୍ବାଞ୍ଚଳ ପରିଷଦ ବୈଠକ ଅନୁଷ୍ଠିତ ହେବ। ଏଥିରେ ମାଓବାଦୀ ମୁକାବିଲା, ବିଭିନ୍ନ ରାଜ୍ୟର ଆଇନଶୃଙ୍ଖଳା ସ୍ଥିତି, ଆନ୍ତଃରାଜ୍ୟ ସମନ୍ୱୟ ଏବଂ ବିପର୍ଯ୍ୟୟ ପରିଚାଳନା  ସମ୍ପର୍କରେ ଗୁରୁତ୍ୱପୂର୍ଣ୍ଣ ଆଞ୍ଚଳିକ ବିଷୟ ଉପରେ ଆଲୋଚନା ହେବାର କାର୍ଯ୍ୟକ୍ରମ ରହିଛି। ବୈଠକରେ ଓଡ଼ିଶା ସମେତ ଝାଡଖଣ୍ଡ, ବିହାର ଓ ପଶ୍ଚିମବଙ୍ଗର ମୁଖ୍ୟମନ୍ତ୍ରୀ ଏବଂ ବହୁ ଉଚ୍ଚ ପଦାଧିକାରୀ ଯୋଗଦେବେ।

*BBSR/R*

## ମୁଖ୍ୟମନ୍ତ୍ରୀ – ଖଣିଜ ସମୀକ୍ଷା

ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଆଜି ସକାଳେ ଭୁବନେଶ୍ୱର ଲୋକସେବା ଭବନରେ ଓଡ଼ିଶା ଖଣି ନିଗମର ବିଭିନ୍ନ କାର୍ଯ୍ୟକ୍ରମର ସମୀକ୍ଷା କରିଛନ୍ତି । ବୈଠକରୁ ମିଳିଥିବା ସୂଚନା ଅନୁସାରେ ଚଳିତ ଆର୍ଥିକ ବର୍ଷରେ ଓଡ଼ିଶ ଖଣି ନିଗମ ୫୦ ମିଲିୟନ ଟନ୍ ଖଣିଜ ପଦାର୍ଥ ଉତ୍ପାଦନ ଲକ୍ଷ୍ୟ ରଖିଛି । ସେହିଭଳି ୩୦ ହଜାର କୋଟି ଟଙ୍କାର ବିକ୍ରୟ ରାଜସ୍ୱ ଲକ୍ଷ୍ୟ

ରଖାଯାଇଛି । ବୈଠକରେ ଖଣିଜ ପଦାର୍ଥର ଉତ୍ପାଦନ ବୃଦ୍ଧି ନେଇ ଆଲୋଚନା କରାଯାଇଥିଲା । ଓ.ଏମ୍.ସି. ପକ୍ଷରୁ ଏକ ପେଲେଟ୍ ପ୍ଲାଣ୍ଟ ସ୍ଥାପନ ନେଇ ମଧ୍ୟ ଆଲୋଚନା ହୋଇଥିଲା ।

***Desk, Sambalpur, Nabarangpur, Sonepur/R***

## ଶିକ୍ଷା ସଂସ୍କାର

ଶିକ୍ଷା ବ୍ୟବସ୍ଥାକୁ ଅଧିକ ଗୁଣାତ୍ମକ କରିବା ପାଇଁ ଗଣଶିକ୍ଷା  ବିଭାଗ ପକ୍ଷରୁ ପଞ୍ଚମ ଓ ଅଷ୍ଟମ ଶ୍ରେଣୀରେ ପାସ୍ ଏବଂ ଫେଲ୍ ବ୍ୟବସ୍ଥା ଲାଗୁ କରାଯିବ। ଗଣଶିକ୍ଷା ବିଭାଗର ବିଜ୍ଞପ୍ତି ଅନୁସାରେ, ପ୍ରତି ବର୍ଷ ପରି ବାର୍ଷିକ ପରୀକ୍ଷା ଅନୁଷ୍ଠିତ ହେବ। ମୌଳିକ ଶିକ୍ଷା ସ୍ତର ବୃଦ୍ଧିପାଇଁ ରାଜ୍ୟ ସରକାରଙ୍କ ମାଗଣା ଓ ବାଧ୍ୟତାମୂଳକ ଶିକ୍ଷା ଅଧିକାର ସଂଶୋଧନ ନିୟମ, ୨୦୨୫ ମାଧ୍ୟମରେ ଏହି ଗୁରୁତ୍ୱପୂର୍ଣ୍ଣ ପରିବର୍ତ୍ତନ କରାଯାଇଛି । ଶୁଣନ୍ତୁ, ଏ ସମ୍ପର୍କରେ ଏକ ରିପୋର୍ଟ :

*ରାଜ୍ୟ ସରକାରଙ୍କ ମାଗଣା ଓ ବାଧ୍ୟତାମୂଳକ ଶିକ୍ଷା ଅଧିକାର ଅଧିନିୟମ, ୨୦୧୦ରେ ସଂଶୋଧନ କରାଯାଇ ଗୁରୁତ୍ୱପୂର୍ଣ୍ଣ ପରିବର୍ତ୍ତନ କରାଯାଇଛି । ନୂତନ ସଂଶୋଧନ ଅଧିନିୟମ, ଅନୁଯାୟୀ, ପ୍ରତ୍ୟେକ ଶିକ୍ଷାବର୍ଷ ଶେଷରେ ପଞ୍ଚମ ଏବଂ ଅଷ୍ଟମ ଶ୍ରେଣୀର ଛାତ୍ରଛାତ୍ରୀମାନଙ୍କପାଇଁ ଏକ ଶୃଙ୍ଖଳିତ ପରୀକ୍ଷା ବ୍ୟବସ୍ଥା ପ୍ରଚଳନ କରାଯିବ । ଏହାଦ୍ୱାରା ଛାତ୍ରଛାତ୍ରୀଙ୍କୁ ଅଧିକ ଗୁଣାତ୍ମମ ଏବଂ ସକ୍ଷମ କରିବାକୁ ପ୍ରୟାସ କରାଯିବ । ପରବର୍ତ୍ତୀ*

ଶ୍ରେଣୀକୁ ଯିବା ପୂର୍ବରୁ ବିଦ୍ୟାର୍ଥୀଟି ତାହାର ମୌଳିକ ଶିକ୍ଷା ସ୍ତର ହାସଲ କରିପାରିବ, ସେନେଇ ନୂତନ ସଂଶୋଧନ ଅଧିନିୟମରେ ସମ୍ପୂର୍ଣ୍ଣ ପ୍ରୟାସ କରାଯାଇଛି । ପଞ୍ଚମ ଏବଂ ଅଷ୍ଟମ ଶ୍ରେଣୀର ସମସ୍ତ ଛାତ୍ରଛାତ୍ରୀଙ୍କୁ ବର୍ତ୍ତମାନ ବାର୍ଷିକ ପରୀକ୍ଷା ଦେବାକୁ ପଡ଼ିବ । ଯଦି କୌଣସି ବିଦ୍ୟାର୍ଥୀ ପରୀକ୍ଷାରେ ଅକୃତକାର୍ଯ୍ୟ ହୁଏ, ପରୀକ୍ଷା ଫଳ ପ୍ରକାଶର ୨ ମାସ ମଧ୍ୟରେ ପୁନଃ ପରୀକ୍ଷା କରାଯିବା ନେଇ ବିଜ୍ଞପ୍ତିରେ କୁହାଯାଇଛି। ପରୀକ୍ଷାରେ ଉତ୍ତୀର୍ଣ୍ଣ ହେବା ଯାଏଁ ବିଦ୍ୟାର୍ଥୀଙ୍କୁ ପର୍ଯ୍ୟାପ୍ତ ସୁଯୋଗ ଦିଆଯିବ। ପ୍ରାଥମିକ ଶିକ୍ଷା ସମାପ୍ତ ପୂର୍ବରୁ କୌଣସି ଛାତ୍ରଛାତ୍ରୀ ଅକୃତକାର୍ଯ୍ୟ ହେଲେ ମଧ୍ୟ ବିଦ୍ୟାଳୟରୁ ବାହାର କରାଯିବ ନାହିଁ। ସରକାରଙ୍କ ନିଷ୍ପତ୍ତି ସମ୍ପର୍କରେ ସମ୍ବଲପୁର ବୁଢ଼ାରାଜା ହାଇସ୍କୁଲ୍‌ର ସହକାରୀ ଶିକ୍ଷକ ପ୍ରଦୀପ ସାହୁ ତାଙ୍କ ପ୍ରତିକ୍ରିୟାରେ କହିଛନ୍ତି :

**Voice :............**

ଏହି ସଂଶୋଧନ ଅଧିନିୟମ ଶିଶୁଙ୍କ ମାଗଣା ଓ ବାଧ୍ୟତାମୂଳକ ଶିକ୍ଷା ଅଧିକାର ଆଇନ, ୨୦୦୯ର ଧାରା ୩୮ ସହିତ ସମନ୍ୱିତ । ଏହା ଓଡ଼ିଶା ଗେଜେଟ୍‌ରେ ପ୍ରକାଶିତ ହେବା ପରେ କାର୍ଯ୍ୟକାରୀ କରାଯିବ । ପ୍ରାଥମିକ ସ୍ତରରେ ସରକାରଙ୍କ ପକ୍ଷରୁ ନିଆଯାଇଥିବା ଏହି ସଂଶୋଧନକୁ ନେଇ ନବରଙ୍ଗପୁରର ଜାତୀୟ ପୁରସ୍କାରପ୍ରାପ୍ତ ଶିକ୍ଷକ ଡକ୍ଟର ପ୍ରଦୀପ ମିଶ୍ର ତାଙ୍କ ପ୍ରତିକ୍ରିୟାରେ କହିଛନ୍ତି :

**Voice :............**

ରାଜ୍ୟ ସରକାରଙ୍କ ଏହି ନିଷ୍ପତ୍ତିକୁ ସ୍ୱାଗତ କରି ସୁବର୍ଣ୍ଣପୁରର ଜଣେ ଅଭିଭାବକ ରଞ୍ଜୁ ଅମାତ୍ କହିଛନ୍ତି :

***Voice :............***

*ଏହି ପରିବର୍ତ୍ତନ ଶିକ୍ଷାଦାନର ମାନ ବୃଦ୍ଧି କରିବା ସହ କୌଣସି ଶିଶୁ ଯେପରି ଶିକ୍ଷା ଅଧିକାରରୁ ବଞ୍ଚିତ ନ ହେବ, ସେନେଇ ରାଜ୍ୟ ସରକାରଙ୍କ ପ୍ରତିବଦ୍ଧତାକୁ ପ୍ରତିଫଳିତ କରିବ ବୋଲି ବିଭିନ୍ନ ମହଲରେ ପ୍ରତିକ୍ରିୟା ପ୍ରକାଶ ପାଇଛି ।*

*ଆକାଶବାଣୀ ସମ୍ବାଦ ବିଭାଗ ପକ୍ଷରୁ ମୁଁ ସ୍ମୃତିରେଖା ତାରେଣିଆ ।*

**BBSR/R**

# ଉଷା ପାଢ଼ୀ - ସମୀକ୍ଷା ବୈଠକ

ଗୃହନିର୍ମାଣ ଓ ନଗର ଉନ୍ନୟନ ବିଭାଗର ୩୫ତମ ଡ୍ୟାସ୍‌ବୋର୍ଡ଼ ସମୀକ୍ଷା ବୈଠକ ବିଭାଗୀୟ ପ୍ରମୁଖ ସଚିବ ଉଷା ପାଢ଼ୀଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ହୋଇଯାଇଛି । ବୈଠକରେ ନାଗରିକକୈନ୍ଦ୍ରିକ ଶାସନ ଉପରେ ଗୁରୁତ୍ୱ ପ୍ରଦାନ କରାଯିବା ସହ ମୁଖ୍ୟ ସହରାଞ୍ଚଳ ବିକାଶର ପ୍ରଗତିକୁ ତ୍ୱରାନ୍ୱିତ କରିବା ନେଇ ଆଲୋଚନା ହୋଇଛି । ବିଭିନ୍ନ ସହରାଞ୍ଚଳ ଯୋଜନା ଅଧୀନରେ ବଜେଟ୍‌ର ସମୀକ୍ଷା, ସମୟୋଚିତ କାର୍ଯ୍ୟାନ୍ୱୟନ ଏବଂ ସେବା ପ୍ରଦାନକୁ ସୁନିଶ୍ଚିତ କରିବା ସହ ପାଣ୍ଠିର ସୁବିନିଯୋଗ ଉପରେ ଅଧିକାରୀମାନଙ୍କୁ ନିର୍ଦ୍ଦେଶ ଦିଆଯାଇଛି । ସହରାଞ୍ଚଳ ପରିମଳ, ଜଳଯୋଗାଣ, କଠିନ ବର୍ଜ୍ୟବସ୍ତୁ ପରିଚାଳନା ଏବଂ ଡିଜିଟାଲ୍ ସେବା ପ୍ରଦାନ ଉପରେ ମଧ୍ୟ ଅଧିକ ଧ୍ୟାନ ଦିଆଯାଇଛି । ସଶକ୍ତ ସହର ଏବଂ ସ୍ଥିର

ସହରାଞ୍ଚଳ ବ୍ୟବସ୍ଥା ପ୍ରତି ବିଭାଗର ପ୍ରତିବଦ୍ଧତାକୁ ଦୋହରାଇବା ସହିତ ସମସ୍ତ ଅଂଶୀଦାରମାନଙ୍କୁ ବିକଶିତ ଓଡ଼ିଶା @ ୨୦୩୬ର ଦୃଷ୍ଟିକୋଣ ସହିତ ସମନ୍ୱୟ ରକ୍ଷାକରି କାର୍ଯ୍ୟ କରିବାକୁ ଶ୍ରୀମତୀ ପାଢ଼ୀ ପରାମର୍ଶ ଦେଇଛନ୍ତି ।

***Desk***

## ଆଇ.ପି.ଏସ୍. ଅଦଳ ବଦଳ

ରାଜ୍ୟ ସରକାର ଆଇ.ପି.ଏସ୍. ସ୍ତରରେ ଆଜି ଅଦଳ ବଦଳ କରିଛନ୍ତି । ସଞ୍ଜୀବ ପଣ୍ଡାଙ୍କୁ ଏ.ଡି.ଜି. (ନକ୍ସଲ ବିରୋଧୀ ଅପରେସନ୍) ଦାୟିତ୍ୱ ଦିଆଯାଇଥିବାବେଳେ  ଅଖିଳେଶ୍ୱର ସିଂହଙ୍କୁ ସ୍ୱତନ୍ତ୍ର ଗୁଇନ୍ଦା ଶାଖା ଡି.ଆଇ.ଜି. ଭାବେ ଅବସ୍ଥାପିତ କରାଯାଇଛି । ସେହିଭଳି କନ୍ୱର ବିଶାଲ ସିଂହଙ୍କୁ ଦକ୍ଷିଣ-ପଶ୍ଚିମାଞ୍ଚଳ ଡି.ଆଇ.ଜି. ଭାବେ ନିଯୁକ୍ତ କରାଯାଇଛି ।

***Puri/R***

## ଝାଡ଼ାବାନ୍ତି

ପୁରୀ ଜିଲ୍ଲା କଣାସ ଅଞ୍ଚଳରେ ଝାଡ଼ାବାନ୍ତି ବ୍ୟାପିଥିବା ଅଭିଯୋଗ ହୋଇଛି । ଦୟାନଦୀ ପାଣି ବ୍ୟବହାର ଯୋଗୁଁ ଜିଲ୍ଲାରେ ଝାଡ଼ାବାନ୍ତି ବ୍ୟାପୁଛି ବୋଲି ଜନସ୍ୱାସ୍ଥ୍ୟ ନିର୍ଦ୍ଦେଶକ ଡାକ୍ତର ନୀଳକଣ୍ଠ ମିଶ୍ର କହିଛନ୍ତି । ପରିସ୍ଥିତିର

ଅନୁଧ୍ୟାନପାଇଁ ଜଟଣୀ ରାଣୀପୁରରେ ସ୍ୱାସ୍ଥ୍ୟ ବିଭାଗର ଏକ ଦଳ ପହଞ୍ଚିଛନ୍ତି । ନମୁନା ସଂଗ୍ରହ କରାଯାଇଥିବାବେଳେ ରିପୋର୍ଟ ଆସିବା ପରେ ଏହାର ପ୍ରକୃତ କାରଣ ଜଣାପଡ଼ିବ ବୋଲି ଶ୍ରୀ ମିଶ୍ର ସୂଚନା ଦେଇଛନ୍ତି । ଦୟାନଦୀ ପାଣି ପାନୀୟ ଜଳ ଭାବେ ବ୍ୟବହାର ନ କରିବାକୁ ଜନସ୍ୱାସ୍ଥ୍ୟ ବିଭାଗ ପକ୍ଷରୁ ମାର୍ଗଦର୍ଶିକା ଜାରି କରାଯାଇଛି ।

ଅନ୍ୟପକ୍ଷରେ ଜିଲ୍ଲାପାଳ ଚଞ୍ଚଳ ରାଣା ପ୍ରଭାବିତ ଅଞ୍ଚଳକୁ ଯାଇ ପରିସ୍ଥିତିର ଅନୁଧ୍ୟାନ କରିଛନ୍ତି । ଶ୍ରୀ ରାଣା ସି.ଡି.ଏମ୍.ଓ.ଙ୍କ ସହ ବିଜିପୁର ପଞ୍ଚାୟତର ଜଗନ୍ନାଥପୁର ଗ୍ରାମକୁ ଯାଇ ବିଭିନ୍ନ ସମସ୍ୟା ସମ୍ପର୍କରେ ବିଭାଗୀୟ ଅଧିକାରୀମାନଙ୍କ ସହ ଆଲୋଚନା କରିଛନ୍ତି । ଏହି ସମୟରେ ଜିଲ୍ଲାପାଳ ଜଳଉତ୍ସଗୁଡ଼ିକୁ ନିୟମିତ ଭାବେ ବିଶୋଧନ କରିବାପାଇଁ ଅଧିକାରୀମାନଙ୍କୁ ପରାମର୍ଶ ଦେଇଛନ୍ତି ।

***Puri/R***

## କୁକୁଡ଼ା ମଡ଼କ

ପୁରୀ ଜିଲ୍ଲା ଡେଲାଙ୍ଗ ଅଞ୍ଚଳର ବିଭିନ୍ନ ସ୍ଥାନରେ କୁକୁଡ଼ା ମଡ଼କ ହେଉଥିବା ଅଭିଯୋଗ ହୋଇଛି । କୌଣସି ଅଜଣା ରୋଗରେ କୁକୁଡ଼ା ମରୁଥିବାର ସନ୍ଦେହ ପ୍ରକାଶ ପାଇଛି ବୋଲି ଆମ ସମ୍ବାଦଦାତା ଜଣାଇଛନ୍ତି । ଡେଲାଙ୍ଗ ବ୍ଲକ୍ ଅନ୍ତର୍ଗତ ବେଗୁନିଆପଡ଼ା, ତରଡ଼ା, ଶିଶୁଆପଡ଼ା, ସିଂହବ୍ରହ୍ମପୁର ଓ ବଡ଼ଆଙ୍କୁଲା ଆଦି ଅଞ୍ଚଳରେ ଏହି ଅଜଣା ରୋଗ ବ୍ୟାପିଥିବାର

ଜଣାପଡ଼ିଛି । ପ୍ରାଣୀ ବିଭାଗ ପକ୍ଷରୁ ଆଜି ମୃତ କୁକୁଡ଼ାଗୁଡ଼ିକର ସ୍ୱାବ୍ ନମୁନା ସଂଗ୍ରହ କରାଯାଇଛି । ନମୁନା ପରୀକ୍ଷା ପରେ କୁକୁଡ଼ା ମଡ଼କର କାରଣ ଜଣାପଡ଼ିବ ବୋଲି ସୂଚନା ମିଳିଛି ।

***Desk***

## ଦଳାଚକଟା - ସାକ୍ଷ୍ୟ ଗ୍ରହଣ

ରଥଯାତ୍ରା ସମୟରେ ଶ୍ରୀଗୁଣ୍ଡିଚା ମନ୍ଦିର ସମ୍ମୁଖରେ ଦଳାଚକଟା ଘଟଣାର ତଦନ୍ତ କରୁଥିବା ଉନ୍ନୟନ କମିଶନର ଅନୁ ଗର୍ଗ ଆଜି ଅପରାହ୍ଣରେ ଭୁବନେଶ୍ୱର ରାଜ୍ୟ ଅତିଥି ଭବନରେ ସାକ୍ଷ୍ୟ ଗ୍ରହଣ କରିଛନ୍ତି । ଘଟଣା ସମ୍ପର୍କରେ ସବିଶେଷ ତଥ୍ୟ ଦେବାପାଇଁ ସ୍ୱତନ୍ତ୍ର ମେଲ୍ ଆଇଡି ଏବଂ ଯୋଗାଯୋଗ ନମ୍ବର ଜାରି କରାଯାଇଛି। ଯୋଗାଯୋଗ ନମ୍ବର ହେଉଛି- ୦୬୭୪-୨୫୩୬-୮୮୨ ଏବଂ ୦୬୭୪-୨୩୯୧-୯୭୦।

ସାକ୍ଷ୍ୟଗ୍ରହଣର ଦ୍ୱିତୀୟ ଦିନରେ ଆସନ୍ତାକାଲି ଅପରାହ୍ଣରେ ପୁରୀ ସ୍ୱତନ୍ତ୍ର ସର୍କିଟ୍ ହାଉସ୍‌ରେ ଏହି ଘଟଣା ସଂପର୍କରେ ଆଗ୍ରହୀ ବ୍ୟକ୍ତି ସାକ୍ଷ୍ୟ ଦେଇପାରିବେ ବୋଲି ଯୋଜନା ଓ ସଂଯୋଜନା ବିଭାଗ ପକ୍ଷରୁ ଜାରି ବିଜ୍ଞପ୍ତିରେ କୁହାଯାଇଛି।

***Puri/R***

# ନୀଳାଚଳ ଅବଢ଼ା

ପୁରୀ ଶ୍ରୀମନ୍ଦିରରେ ତିନିଠାକୁର ରତ୍ନବେଦୀରେ ବିଜେ ହୋଇଥିବାବେଳେ ଆଜି ଶ୍ରଦ୍ଧାଳୁମାନେ ତାଙ୍କୁ ଦର୍ଶନ କରୁଛନ୍ତି । ଗତକାଲି ଶ୍ରୀଜିଉମାନଙ୍କର ନୀଳାଦ୍ରିବିଜେ ସହ ଘୋଷଯାତ୍ରାର ସମସ୍ତ ପର୍ଯ୍ୟାୟ ଶେଷ ହୋଇଛି । ଏହି ଅବସରରେ ଶ୍ରୀମନ୍ଦିରରେ ଦୈନନ୍ଦିନ ନୀତିକାନ୍ତି ପୁଣି ଆରମ୍ଭ ହୋଇଛି । ଆଜି ସୂର୍ଯ୍ୟପୂଜା, ଦ୍ୱାରପାଳ ପୂଜା ଆଦି କରାଯାଇ ସକାଳ ଧୂପନୀତି ଅନୁଷ୍ଠିତ ହୋଇଥିବାବେଳେ ଶ୍ରୀମନ୍ଦିରରୁ ନୀଳାଚଳ ଅବଢ଼ା ବାହାରିଛି । ଦୀର୍ଘଦିନ ପରେ ମହାପ୍ରସାଦ ସେବନ କରୁଥିବାରୁ ଶ୍ରଦ୍ଧାଳୁ ଓ ସେବାୟତଙ୍କ ମଧ୍ୟରେ ବିଶେଷ ଉତ୍ସାହ ଦେଖିବାକୁ ମିଳିଛି । ଏହି କୈବଲ୍ୟକଣିକା ଆଜିର ଦିନରେ ପାଇଲେ ମୋକ୍ଷପ୍ରାପ୍ତି ହୁଏ ବୋଲି ବିଶ୍ୱାସ ରହିଛି ।

***Dhenkanal, Gajapati, Deogarh, Sambalpur/R***

# କିଛି ସମ୍ବାଦ ସଂକ୍ଷେପରେ......

- ଢେଙ୍କାନାଳ ମହିଷାପାଟସ୍ଥିତ ଜିଲ୍ଲା ଦକ୍ଷତା ବିକାଶ ନିୟୋଜନ କାର୍ଯ୍ୟାଳୟରେ ନିଯୁକ୍ତି ପର୍ବ ଅନୁଷ୍ଠିତ ହୋଇଯାଇଛି । ଖାଦ୍ୟ ଯୋଗାଣ ଓ ଖାଉଟି କଲ୍ୟାଣ ମନ୍ତ୍ରୀ କାର୍ଯ୍ୟକ୍ରମରେ ଯୋଗ ଦେଇ ୩୬ ଜଣଙ୍କୁ ନିଯୁକ୍ତି ପତ୍ର ପ୍ରଦାନ କରିଥିଲେ ।
- ଗଜପତି ଜିଲ୍ଲା ସଦର ମହକୁମା ପାରଳାଖେମୁଣ୍ଡିସ୍ଥିତି ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ସମ୍ମିଳନୀ କକ୍ଷରେ ଜାତୀୟ ବୁଥ୍‌ସ୍ତରୀୟ ଅଧିକାରୀଙ୍କ ତାଲିମ୍ କାର୍ଯ୍ୟକ୍ରମ ଆୟୋଜିତ ହୋଇଯାଇଛି ।
- ଦେବଗଡ଼ ଜିଲ୍ଲା ପରିଷଦ ଅଷ୍ଟମ ଅଧିବେଶନ ବୈଠକ ଅଧକ୍ଷ କୌଶିକ କୁମାର ପ୍ରଧାନଙ୍କ ସଭାପତିତ୍ୱରେ ଅନୁଷ୍ଠିତ ହୋଇଯାଇଛି ।
- ସମ୍ବଲପୁର ମହାନଗର ନିଗମର ସମ୍ମିଳନୀ କକ୍ଷରେ ବୁଥ୍‌ସ୍ତରୀୟ ଅଧିକାରୀଙ୍କ ଜାତୀୟ ସ୍ତରୀୟ ପ୍ରଶିକ୍ଷଣ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି । କାର୍ଯ୍ୟକ୍ରମରେ ନିର୍ବାଚନ ସମ୍ପର୍କିତ ବିଭିନ୍ନ ନିୟମାବଳୀ ଓ ବୁଥ୍‌ସ୍ତରୀୟ ଅଧିକାରୀଙ୍କ ଦାୟିତ୍ୱ ସମ୍ପର୍କରେ ଆଲୋଚନା କରାଯାଇଥିଲା ।

*****